## ସଂକ୍ଷେପରେ

### ବୁଥ୍‌ସ୍ତରରୁ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ସାତମାଇଲ, ୧୫।୧(ଡି.ଏନ୍.ଏ.): ହିନ୍ଦୋଳ ନିର୍ବାଚନମଣ୍ଡଳୀ ପାରିକୁଳ ଜୋନ୍ ଅନ୍ତର୍ଗତ ପାଇକପୁରୁଣାକୋଟ ପଞ୍ଚାୟତ କଙ୍କାଳୁସ୍ଥିତ ମାତଳେଶ୍ୱର ଶୈବପୀଠରେ ରବିବାର ଭାଜପାର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜୀବନ ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ମୁଖ୍ୟ ବକ୍ତା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ସମ୍ମାନିତ ଅତିଥି କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ମଣ୍ଡଳ ପ୍ରଭାରୀ କ୍ଷେତ୍ରବାସୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲା କମିଟି ସଦସ୍ୟ ରବିନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା, ଏକାଠି ହୋଇ କେନ୍ଦ୍ରୀୟ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ଅନନ୍ତ ବେହେରା, ଦୀପକ ବେହେରା, ଲଣ୍ଡା ରାଉତ, ପ୍ରତିମା ପାଣିଗ୍ରାହୀ, ସୁନୀଲ ବାରିକ, କୁଶଳ ପଟ୍ଟନାୟକ, ଆଲୋକ ସାହୁ, ମାନସ କର, ସୁନୀତା ନାଥ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# ବ୍ରାଣ୍ଡିଂ ହେବ ଢେଙ୍କାନାଳ ଶାଢ଼ି

- ବୁଣାକାରଙ୍କୁ ଦିଆଯିବ ସ୍ୱତନ୍ତ୍ର ପ୍ରଶିକ୍ଷଣ
- କଳାକୃତି ଗ୍ରାମରେ ହେବ ବିକ୍ରି ବ୍ୟବସ୍ଥା
- ପ୍ରତି ସୋମବାର ମହିଳା କର୍ମଚାରୀ ପିନ୍ଧିବେ

ଢେଙ୍କାନାଳ ଅଫିସ, ୧୫।୧



ଢେଙ୍କାନାଳର ପାରମ୍ପରିକ ହସ୍ତତନ୍ତ ଶାଢ଼ିକୁ ମିଳିବ ନୂଆ ପରିଚୟ। ଏବେକାର ଯୁବପିଢ଼ିଙ୍କୁ ପସନ୍ଦ ଆସିବା ଭଳି ନୂଆ ନୂଆ ଡିଜାଇନ୍ ପ୍ରସ୍ତୁତ କରାଯିବ। ଆମାଜନ ଭଳି ଲୋକପ୍ରିୟ ଇ-କମର୍ସ ସାଇଟ୍‌ରେ ଏହା ଉପଲବ୍ଧ ହେବ। ଫଳରେ ଆଞ୍ଚଳିକ ସୀମା ଡେଇଁ ଏହା ପହଞ୍ଚିବ ଦେଶବିଦେଶରେ। କେବଳ ଏତିକି ନୁହେଁ, ନିର୍ଦ୍ଦିଷ୍ଟ ଭାବେ ପ୍ରସ୍ତୁତ କରାଯାଇଥିବା ଶାଢ଼ିକୁ ପ୍ରତି ସୋମବାର ଜିଲାର ସମସ୍ତ ଦପ୍ତରର ମହିଳା ଅଧିକାରୀ ଓ କର୍ମଚାରୀ ପିନ୍ଧିବେ। ଏଥିଲାଗି ଅସଙ୍ଗଠିତ ହୋଇ ରହିଥିବା ଜିଲାର ବୁଣାକାରମାନଙ୍କୁ ଏକାଠି କରି ଦିଆଯିବ ସ୍ୱତନ୍ତ୍ର ପ୍ରଶିକ୍ଷଣ। ପ୍ରସିଦ୍ଧ ମଗଜି ଲଡୁ ଭୌଗୋଳିକ ସଙ୍କେତ (ଜିଆଇ) ମାନ୍ୟତା ହାସଲ ଦିଗରେ ଆଗକୁ ବଢୁଥିବାବେଳେ ଢେଙ୍କାନାଳ ଶାଢ଼ିକୁ ମଧ୍ୟ ବ୍ରାଣ୍ଡିଂ କରିବା ଲାଗି ପ୍ରଶାସନ ତରଫରୁ ଆରମ୍ଭ ହୋଇଛି ପ୍ରୟାସ।

ଏକଦା ଢେଙ୍କାନାଳ ସଦର ବ୍ଲକ ସରାକପାଟଣା, ଚନ୍ଦ୍ରଶେଖରପ୍ରସାଦ, ରଥପଦା, ଗିରିଗୋବର୍ଦ୍ଧନପୁର, ଓଡ଼ାପଡ଼ା ବ୍ଲକ ସିମିଳଇ ଆଦି ସ୍ଥାନରେ ଦେଶୀୟ ବୁଣାକାରଙ୍କ ହାତ ତିଆରି ଶାଢ଼ିର ରହିଥିଲା ସ୍ୱତନ୍ତ୍ର ଚାହିଦା। କେବଳ ଆଞ୍ଚଳିକ ବଜାରରେ ନୁହେଁ, ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଉନ୍ନତମାନର ଶାଢ଼ି ରପ୍ତାନି କରାଯାଉଥିଲା। ବିଶେଷ କରି ନିଜର ସ୍ୱତନ୍ତ୍ରତା ପାଇଁ ସରାକପାଟଣା ପରିଚିତ ଥିଲା ବୁଣାକାରଙ୍କ ଗାଁ ଭାବରେ। ଏଠାରେ ପ୍ରସ୍ତୁତ କାର୍‌ଗିଲ ଶାଢ଼ି, ମାଣିଆବନ୍ଧ ଶାଢ଼ି, ତ୍ରିରଙ୍ଗା ଶାଢ଼ିର ଚାହିଦା କାହିଁରେ କେତେ ଥିଲା। ଏବେ ବି ଗ୍ରାମର ୩୦୦ ପରିବାର ମଧ୍ୟରୁ ପ୍ରାୟ ୯୫% ଏହାକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରିଛନ୍ତି। ହେଲେ କରୋନା ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲାଇ ଦେଇଛି। ଲକ୍‌ଡାଉନ୍ କାରଣରୁ ଦିନରାତି କଠିନ ପରିଶ୍ରମରେ ପ୍ରସ୍ତୁତ କରିଥିବା ଶାଢ଼ିକୁ ସେମାନେ ୧୫୦୦ ଟଙ୍କା ବଦଳରେ ୭୦୦ ଟଙ୍କାରେ ବିକ୍ରି କରି ବିପୁଳ କ୍ଷତି ସହିଥିଲେ। ଦୀର୍ଘ ୨ବର୍ଷ ଧରି ଲାଗି ରହିଥିବା ଭୂତାଣୁ ଭୟରେ ସେମାନଙ୍କ ବଜାର ସଙ୍କୁଚିତ ହୋଇଗଲା। ଫଳରେ ବହୁ ବୁଣାକାର ପେଟପାଟଣା ଚିନ୍ତାରେ ଦାଦନ ଖଟିବାକୁ ବାହାରକୁ ଚାଲିଗଲେଣି। ଅନ୍ୟ କେତେଜଣ ବୁଣାକାମରୁ ବିରାମ ନେଇ ଅନ୍ୟ ବୃତ୍ତିମୁହାଁ ହେଲେଣି। ଜିଲାର ବହୁ ପରିବାରକୁ କର୍ମନିଯୋଜନ ଯୋଗାଇଥିବା ଢେଙ୍କାନାଳ ଶାଢ଼ି ଧୀରେ ଧୀରେ ଲୋକଲୋଚନରୁ ହଜି ଯାଉଥିବାବେଳେ ବହୁ ବିଳମ୍ବରେ ହେଲେ ମଧ୍ୟ ଏହାର ଗୌରବ ଫେରାଇ ଆଣିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଛି।

ଗତ ସପ୍ତାହରେ ଜିଲାପାଳ ସରୋଜ କୁମାର ସେଠୀ ବୁଣାକାରଙ୍କୁ ଡାକି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସେମାନଙ୍କ ହାତବୁଣା ଶାଢ଼ି କିଭଳି ଯୁଗୋପଯୋଗୀ ହେବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ସେଠୀ ଶୁକ୍ରବାର ସରାକପାଟଣା ଗ୍ରାମ ପରିଦର୍ଶନ କରି ବୁଣାକାରଙ୍କ ତନ୍ତ ୟୁନିଟ୍ ବୁଲି ଦେଖିଛନ୍ତି। ଖୁବ୍‌ଶୀଘ୍ର ସମ୍ବଲପୁର, ସୋନପୁରରୁ ଦକ୍ଷ କାରିଗରଙ୍କୁ ଆଣି ସପ୍ତଶଯ୍ୟା ପଞ୍ଚାୟତ ସଦେଇବେରେଣୀ-ନବଜୀବନପୁର କଳାକୃତି ଗ୍ରାମରେ ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା କରାଯିବ। ଜିଲାର ବୁଣାକାରମାନେ ନିର୍ଦ୍ଦିଷ୍ଟ ଡିଜାଇନର ଶାଢ଼ି ପ୍ରସ୍ତୁତ କରିବେ, ଯାହାକୁ ପ୍ରତି ସୋମବାର ଜିଲା କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ ଦପ୍ତରରେ କାର୍ଯ୍ୟରତ ମହିଳା କର୍ମଚାରୀ ପିନ୍ଧିବେ। ସେହିପରି କଳାକୃତି ଗ୍ରାମରେ ଶାଢ଼ି ବିକ୍ରିବଟା ବ୍ୟବସ୍ଥା କରାଯିବ। ଆଞ୍ଚଳିକସ୍ତରରେ ଚାହିଦା ମେଣ୍ଟାଇବା ସହ ଦେଶବିଦେଶକୁ ଯେପରି ଅଧିକରୁ ଅଧିକ ଶାଢ଼ି ରପ୍ତାନି କରାଯାଇପାରିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଆମାଜନ୍ ସମେତ ଅନ୍ୟ ଇ-କମର୍ସ ସାଇଟ୍‌ରେ ଏହାର ବିକ୍ରି ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ମକର ମେଳାରେ ଖାଦ୍ୟ ଯାଞ୍ଚ



ଅଧିକାରୀମାନେ ଖାଦ୍ୟ ଯାଞ୍ଚ କରୁଛନ୍ତି।

ଢେଙ୍କାନାଳ ଅଫିସ,୧୫।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରାରେ ଚାଲିଥିବା ପ୍ରସିଦ୍ଧ ମକର ଯାତ୍ରାରେ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ରବିବାର ଯାଞ୍ଚ କରାଯାଇଛି। ୩୦ କେଜିରୁ ଉର୍ଦ୍ଧ୍ୱ ରଙ୍ଗମିଶା ବାସି ଖାଦ୍ୟ ନଷ୍ଟ କରାଯାଇଛି। ମେଳାରେ ବହୁ ଉଠା ବ୍ୟବସାୟୀଙ୍କ ସମାଗମ ହୋଇଥିବାବେଳେ ସେମାନେ ପରିବେଷଣ କରୁଥିବା ଖାଦ୍ୟର ଗୁଣାତ୍ମକ ମାନପ୍ରତି ଧ୍ୟାନ ଦେଉ ନ ଥିବା ନଜରକୁ ଆସିଥିଲା। ସମ୍ପୃକ୍ତ ଦୋକାନୀଙ୍କୁ ଷ୍ଟଲ୍‌ଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଖାଦ୍ୟ ସାମଗ୍ରୀ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ ଅନୁଷ୍ଠାନକୁ ପଞ୍ଜୀକରଣ କରାଇ ବ୍ୟବସାୟ କରିବାକୁ କୁହାଯାଇଛି।

# ସଡ଼କ ସୁରକ୍ଷା ସଚେତନତା

ଢେଙ୍କାନାଳ ଅଫିସ,୧୫।୧




ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ୧୧ ତାରିଖରୁ ଆରମ୍ଭ ହୋଇଛି ସପ୍ତାହବ୍ୟାପୀ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ। ଏହି ଅବସରରେ ସେଣ୍ଟ ଜାଭିୟର ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାଜିଚୌକଠାରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ବାଇକ୍ ଆରୋହୀଙ୍କୁ ହେଲ୍‌ମେଟ ପରିଧାନ, ସିଟ୍‌ବେଲ୍ଟ ବାନ୍ଧିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ନିଶା ସେବନ ନ କରିବା, ଟ୍ରାଫିକ୍ ନିୟମ ମାନିବା ଆଦି ବିଷୟରେ ସଚେତନ କରାଯାଇଥିଲା।

## ଇଣ୍ଡ୍ରା କ୍ଲବ୍ କ୍ରିକେଟ୍: ଅଲେଖ ମହିମା ଦଳ ବିଜୟୀ

ଢେଙ୍କାନାଳ ଅଫିସ, ୧୫।୧

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଇଣ୍ଡ୍ରା କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଅଲେଖ ମହିମା ଦଳ ୯୦ ରନ୍‌ରେ ଶ୍ରୀବଳରାମ ଦଳକୁ ପରାସ୍ତ କରିଛି। ଟସ୍ ହାରି ଅଲେଖ ମହିମା ଦଳ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୨୨୭ ରନ କରିଥିଲା। ଗୌତମ ନାୟକ ୨୭ ବଲ୍‌ରୁ ୫୯ ଏବଂ ସନ୍ଦୀପ ପରିଡ଼ା ୩୩ ବଲ୍‌ରୁ ୫୦ ରନ୍ କରିଥିଲେ। ବଳରାମ ଦଳର ଆକାଶ ପୁହାଣ ୪ଟି ଉଇକେଟ ନେଇଥିଲେ। ଜବାବରେ ବଳରାମ ଦଳ ୧୩୭ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଲେଖ ମହିମା ଦଳ ପକ୍ଷରୁ ଶୁଭେନ୍ଦୁ ବେହେରା ୩ ଉଇକେଟ ନେଇଥିଲେ। ଅମୀୟ ଭୂଷଣ ସାହୁ, ଇମତିଆଜ ଅଲ୍ଲୀ ଖେଳ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରର ରହିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡ଼ା ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଚନ୍ଦ୍ରଶେଖର ଦଳ ଏବଂ ଜଗନ୍ନାଥ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

# ସାଇ ଏକାଦଶ ଭୁବନେଶ୍ୱର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

### ସୁବାସ ମେମୋରିଆଲ କ୍ରିକେଟ୍

ଢେଙ୍କାନାଳ ଅଫିସ, ୧୫।୧

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡ଼ାପଡ଼ା ଗ୍ରାମ ମା' ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ କଟକକୁ ୫ ଉଇକେଟରେ ହରାଇ ଭୁବନେଶ୍ୱର ସାଇ ଏକାଦଶ ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ଭେଙ୍କଟେଶ ଭନ୍ଦେ ୨୪ ବଲରୁ ୭୯ ଏବଂ ଅରବିନ୍ଦ ସିଂ ୩୮ ବଲରୁ ୬୬ ରନ କରିଥିଲେ। ଜବାବରେ ଭୁବନେଶ୍ୱର ୨୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସନ୍ଧାନ ମହାନ୍ତି ୪୮ ବଲ୍‌ରୁ ୭୪, ରାମଚରଣ ବେହେରା ୫୦ ବଲରୁ ୮୩ କରିଥିଲେ। ୬ ବଲ୍‌ରୁ ୧୭ ରନ୍ କରିବା ସହ ମୂଲ୍ୟବାନ ୩ ଉଇକେଟ ନେଇଥିବା ବିପ୍ଳବ ସାମନ୍ତରାୟ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। କଟକର ଭେଙ୍କଟେଶ 'ମ୍ୟାନ୍ ଅଫ୍ ଦି ସିରିଜ୍' ଘୋଷିତ ହୋଇଥିଲେ। ସୋମନାଥ ସେଠୀ, ପ୍ରଶାନ୍ତ ଦାସ ଅମ୍ପାୟରିଂ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାବନ୍ଧ ସରପଞ୍ଚ ରାଜେଶ ପରିଡ଼ା ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। କୁରୁଣିଆ ସମିତିସଭ୍ୟ ହେମନ୍ତ ସାହୁ, ସରପଞ୍ଚ ଅରୁଣ ବିଶ୍ୱାଳ, ଅସରଡ଼ା ସରପଞ୍ଚ ପବିତ୍ର ମୋହନ ସାହୁ, ଠୋକର ସରପଞ୍ଚ ବୁଲୁ ମାଝି, ମାଧପୁର ସରପଞ୍ଚ ଦିଲୀପ ଲେଙ୍କା, ଗିରିଧରପ୍ରସାଦ ସରପଞ୍ଚ ପିଣ୍ଟୁ ସେଠୀ, ବେଡ଼ାପଡ଼ା ଗ୍ରାମ ସଭାପତି ଦୁଷ୍ମନ୍ତ ଗଡ଼ନାୟକ, ମା' ଅନ୍ଧାରୀ କ୍ରିକେଟ କ୍ଲବ ମ୍ୟାନେଜର ସୁଶାନ୍ତ ସାମଲ, ଅଜିତ ସାମଲ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ସ୍ମୃତିଚାରଣ ଶହୀଦଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘ ସଦସ୍ୟ ଏବଂ ଅନ୍ୟମାନେ।

### ଭାରତୀୟ ସ୍ଥଳ ସେନା ଦିବସ

କାମାକ୍ଷାନଗର, ୧୫।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ରବିବାର ଭାରତୀୟ ସ୍ଥଳସେନା ଦିବସ ପାଳିତ ହୋଇଯାଇଛି। ଜିରିଡ଼ାମାଲିସ୍ଥିତ ସଂଘ କାର୍ଯ୍ୟାଳୟଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ବନ୍ଦେ ମାତରମ୍, ଭାରତ ମାତା କୀ ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ସଭାପତି ଡମ୍ବରୁଧର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ଶହୀଦଙ୍କ ସ୍ମୃତିଚାରଣ ସେମାନଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ବୋଲି ମତପ୍ରକାଶ ପାଇଥିଲା। ଅଞ୍ଚଳରେ ସଂଘ ସହାୟତାରେ ଏକ କ୍ୟାଣ୍ଟିନ୍ ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସଂଘ ସମ୍ପାଦକ ରବିନାରାୟଣ ସାହୁ, ଉପଦେଷ୍ଟା ଅଶ୍ୱିନୀ ମହାପାତ୍ର, କୋଷାଧ୍ୟକ୍ଷ ଈଶ୍ୱର ପଣ୍ଡା, ବିକାଶ ସେଠୀ, ଶଶିକାନ୍ତ ରାଉତ, ଦ୍ୱିତୀକୃଷ୍ଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଖଣ୍ଡର ବିଭିନ୍ନ ସ୍ଥାନରୁ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରବାସ ଯୋଜନା ସମ୍ପର୍କିତ ବୈଠକ

ଢେଙ୍କାନାଳ ଅଫିସ, ୧୫।୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ୧ନଂ. ଜୋନ୍ ଭାଜପା ମହିମା ମଣ୍ଡଳ ପକ୍ଷରୁ ପ୍ରବାସ ଯୋଜନା ସମ୍ପର୍କିତ ବୈଠକ ସ୍ଥାନୀୟ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରତ୍ୟୁଷହରି ପ୍ରଧାନଙ୍କ ସଭାପତିତ୍ୱରେ ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନକୁ ସଶକ୍ତ କରିବା ଲାଗି ବିଭିନ୍ନ ପଦକ୍ଷେପ ହାତକୁ ନେବାକୁ ପରାମର୍ଶ ଦେଇଥିଲେ। ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମଣ୍ଡଳ ପ୍ରଭାରୀ ଲମ୍ବୋଦର ପରିଡ଼ା, ହାଡ଼ିବନ୍ଧୁ ସେଠୀ, ଜିଲା ପଦାଧିକାରୀ ଅମ୍ବିକା ପ୍ରସାଦ ମିଶ୍ର, ଅଭୟ ପାଣି, ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଗାମ୍ବର ସାହୁ, ସୁରେଶ ରାଉତ, ବିରଞ୍ଚି ନାରାୟଣ ସାହୁ, ଅଶୋକ ପଣ୍ଡା, ଯୁବମୋର୍ଚ୍ଚା ସଭାପତି ପ୍ରଭାତ ଦେହୁରୀ, ମଣ୍ଡଳ ସାଧାରଣ ସମ୍ପାଦକ ରାଜୀବ ଲୋଚନ ସ୍ୱାଇଁ, ସୁଧାକର ମିଶ୍ର, ପ୍ରତାପ ନାଥ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଧିର ଟି-୨୦ ଟେନିସ୍ ବଲ୍ କ୍ରିକେଟ୍: ଢେଙ୍କାନାଳ ବିଜୟୀ

ଢେଙ୍କାନାଳ ଅଫିସ,୧୫।୧

ଢେଙ୍କାନାଳ କଲେଜ ଖେଳପଡ଼ିଆରେ ଜିଲା ବଧିର ସଂଘ ପକ୍ଷରୁ ଦ୍ୱିତୀୟ ଟି-୨୦ ବଧିର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଅନୁଗୋଳ ୧୮.୫ ଓଭରରେ ୮୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ମାତ୍ର ୯ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ସତ୍ୟବ୍ରତ ସାହୁ ସର୍ବାଧିକ ୩୬ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୁଗୁଳ ଦଳର ସୋନି ଗୁପ୍ତା ୫ ଉଇକେଟ୍ ଅକ୍ତିଆର କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ମଧ୍ୟ ଢେଙ୍କାନାଳ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସମ୍ମାନିତ ଅତିଥି ବଧିର ସଂଘ ଜିଲା ସଭାପତି ମନୋରଞ୍ଜନ ସାମଲ, ଉପସଭାପତି ବସନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସୋନାଲି ସାମଲ ସଂକେତ ମାଧ୍ୟମରେ ଧାରା ବିବରଣୀ ଦେଇଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଢେଙ୍କାନାଳ ଦଳ।

# ନେତାଜୀ ସ୍ପୋର୍ଟିଂକୁ ଟାଇଟଲ




ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।



ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଭିନେତ୍ରୀ ତମନ୍ନା ଉପସ୍ଥିତ

### ଲାଲୁ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୧୫।୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦରେ ଚାଲିଥିବା ୧୨ତମ ଲାଲୁ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚଣ୍ଡିଖୋଲ କେସିସି ସୁଙ୍ଗଡା କ୍ଲବକୁ ଗୋଟିଏ ଉଇକେଟରେ ହରାଇ ଜାରକା ନେତାଜୀ ସ୍ପୋର୍ଟିଂ କ୍ଲବ କାଏମା ଟାଇଟଲ ହାତେଇଛି। କେସିସି ସୁଙ୍ଗଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନେତାଜୀ ସ୍ପୋର୍ଟିଂ କାଏମା ୧୮.୩ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ସତ୍ୟସାଗର 'ମ୍ୟାନ ଅଫ୍ ଦି ମ୍ୟାଚ' ଘୋଷିତ ହୋଇଥିଲେ। ଅଜିତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

ଅରୁଣି କନଷ୍ଟ୍ରକ୍ସନ୍ ଅଧ୍ୟକ୍ଷ ଅମିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଓଲିଉଡ୍ ତାରକା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ତମନ୍ନା ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗତମାସ ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍ ଦେଖିବାକୁ ବିପୁଳ ଜନସମାଗମ ହୋଇଥିଲା।

**ଖେଳପଡ଼ିଆ ଲୋକାର୍ପିତ**

ପରଜଙ୍ଗ,(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଲୋଧଣୀ ପଞ୍ଚାୟତରେ ନବନିର୍ମିତ ମା' ମୂଳଦେବୀ ମିନି ଷ୍ଟାଡିୟମର ଖେଳପଡ଼ିଆ ଲୋକାର୍ପିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଅନୁଦାନରେ ଉକ୍ତ ଖେଳପଡ଼ିଆ ପ୍ରସ୍ତୁତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ବେହେରାଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାଟରେ ବଢୁଛି ମୋବାଇଲ ଚୋରି

**ବଇଣ୍ଡା, ୧୫।୧ (ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଅଞ୍ଚଳରେ କିଛି ଦିନ ହେବ ଚୋରି ବଢ଼ିବାରେ ଲାଗିଛି। ବିଶେଷକରି ହାଟଗୁଡ଼ିକରେ ଭିଡ଼ର ସୁଯୋଗ ନେଇ ବାହାର ରାଜ୍ୟରୁ ଆସିଥିବା ଦୁର୍ବୃତ୍ତମାନେ ମୋବାଇଲ ଚୋରି କରୁଥିବା ଅଭିଯୋଗ ହେଉଛି। ରବିବାର ସାପ୍ତାହିକ ହାଟରେ ସୁବାସ ଶତପଥୀ ଓ ଅନ୍ୟ ୨ ଜଣଙ୍କ ମୋବାଇଲ ଚୋରି ହୋଇଛି। ଏ ନେଇ ସୁବାସ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ସ୍ମୃତି ରଞ୍ଜନ ନାୟକ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ଚୋରି ମୋବାଇଲ ଉଦ୍ଧାର ହୋଇପାରିନାହିଁ। ବାହାର ରାଜ୍ୟର କେତେଜଣ ବ୍ୟକ୍ତି ଟ୍ରେନ ମାଧମରେ ବଇଣ୍ଡା ଆସି ବିଭିନ୍ନ ସ୍ଥାନରେ ଚୋରି କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ମକର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼



ଆଠମଲ୍ଲିକରେ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।



କଣିହାଁରେ ବିଭିନ୍ନ ସଂକୀର୍ତ୍ତନ ଦଳ ନାମ ପରିବେଷଣ କରୁଛନ୍ତି।

**ଆଠମଲ୍ଲିକ/ କଣିହାଁ, ୧୫।୧ (ଡି.ଏନ.ଏ.)**

ଆଠମଲ୍ଲିକ ପଇଁଚକୁଳ ଅଞ୍ଚଳର ବାବା ଭୁବନେଶ୍ୱର ମନ୍ଦିରରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷ ହେଲା କରୋନା କଟକଣା ମଧରେ ପୂଜା ପାଳନ ହୋଇଥିବା ବେଳେ ଚଳିତବର୍ଷ କୌଣସି କଟକଣା ନ ଥିବାରୁ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ରାତିରେ ବାଘୁଆକଟା ଓ କୁଟେଶ୍ୱର ଗ୍ରାମର ଯୁବ କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା। ପ୍ରାତଃରେ ୧୨ଟି ମୌଜାର ମହିଳାମାନଙ୍କ ଦ୍ୱାରା ବିରାଟ କଳସ ଯାତ୍ରା କରାଯାଇଥିଲା। ଯାତ୍ରା କମିଟି ସଭାପତି କୃଷ୍ଣ ମୋହନ ବଘାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଟିକନ ମିଶ୍ର ପୂଜା ନୀତି ସମ୍ପାଦନ କରିଥିଲେ। ବାବା ଭୁବନେଶ୍ୱର ଓ ମାତା ପାର୍ବତୀଙ୍କୁ ଏକ ବିରାଟ ପାଟୁଆରେ ଗ୍ରାମ ପରିକ୍ରମା କରାଯାଇ ପୁଣି ମନ୍ଦିରକୁ ଅଣାଯାଇଥିଲା। ଯାତ୍ରା କମିଟି ସଭାପତି ବଘାରଙ୍କ ସମେତ ସମ୍ପାଦକ ଶେଷଦେବ ବଣିଚର, ବରିଷ୍ଠ ସଭ୍ୟ ସତ୍ୟପ୍ରିୟ ବେହେରାମାଳି, ହୃଦାନନ୍ଦ ଭୁକ୍ତା, ଧବଳେଶ୍ୱର ଦେହୁରୀ, ଜ୍ୟୋତି ରଞ୍ଜନ ଦେହୁରୀ, ନିରଞ୍ଜନ ଦେହୁରୀଙ୍କ ସମେତ କୁଟେଶ୍ୱର ଓ ବାଘୁଆକଟା ଗ୍ରାମବାସୀ ଯାତ୍ରାରେ ସହଯୋଗ କରିଥିଲେ। ପ୍ରବଳ ଜନ ସମାଗମ ଭିତରେ ମକର ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା।

ସେହିପରି କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ମକର ଉତ୍ସବ ପାଳିତ ହୋଇଯାଇଛି। ଶନିବାର ଟୋଲକବେଡା ଗ୍ରାମସ୍ଥିତ ଟିକରା ନଦୀ କୂଳ ଚେମିଣିଘଣ୍ଟି ପାହାଡ଼ରେ ଥିବା ଗୁମ୍ଫା ଓ ବିଷ୍ଣୁ ମନ୍ଦିର ଦର୍ଶନ ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ନଦୀ ଉପରେ ଥିବା ଅସ୍ଥାୟୀ କାଠ ପୋଲ ଉପରେ ପାହାଡ଼କୁ ଯାଇ ବିଷ୍ଣୁଙ୍କୁ ଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବାଦଦଣ୍ଡ ପ୍ରତିଯୋଗିତା, ଭଜନ ସନ୍ଧ୍ୟା ଓ ରାତିରେ ଅପେରା ଆୟୋଜନ ହୋଇଥିଲା। ସେହିପରି ବଡହୀରା, ଭୂଇଁପୁର, କୁଲେଇ ଗ୍ରାମ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ଠାକୁରଙ୍କୁ ବିମାନରେ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ପଡୋଶୀ ଗ୍ରାମର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ବିଭିନ୍ନ ଗ୍ରାମର ଆୟୋଜକ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ସହଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଭୂଇଁପୁର, କୁଲେଇ ଓ ଟୋଲକବେଡା ଗ୍ରାମରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷାରେ ପୋଲିସକୁ ଗ୍ରାମବାସୀ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୫।୧**

ଗଁଦିଆ ବ୍ଲକ କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ନକୁଳ ଚରଣ ଶତପଥୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏବିଇଓ କୈଳାସ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଶିକ୍ଷାବିତ୍ ହରିହର ସାହୁ, ସମ୍ମାନିତ ଅତିଥି ସରପଞ୍ଚ ଚଞ୍ଚଳା ବାରିକ, ଶିକ୍ଷକ ବୀରେନ୍ଦ୍ର ସାମନ୍ତ, ସାମାଜିକକର୍ମୀ ଅରୂପାନନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀପା ମୁଣ୍ଡା ଚାମ୍ପିୟନ ହୋଇଛନ୍ତି। ଅନ୍ୟ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ପରିଚାଳନା ପରିଷଦ ସଭାପତି ମଳୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଶ୍ରୀନିବାସ ସାମନ୍ତ, ପ୍ରଫୁଲ୍ଲ ପରିଡ଼ା, ଜ୍ୟୋତ୍ସ୍ନାରାଣୀ ମିଶ୍ର, ଶିକ୍ଷୟିତ୍ରୀ କଳ୍ପନା ଶତପଥୀ, ଜାନକୀ ମୁଣ୍ଡା, ସାମାଜିକ କର୍ମୀ ବାସୁଦେବ ଶତପଥୀ, ପ୍ରାଣକୃଷ୍ଣ ତରାଇ, ଦିବାକର ତରାଇ, ସୁବାସ ଶତପଥୀ, ଦିବାକର ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ସାପଘରା କପ୍ ଉଦ୍‌ଘାଟିତ

**ବଇଣ୍ଡା,୧୫।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାପଘରା ଗ୍ରାମ ଖେଳ ପଡିଆଠାରେ ସାପଘରା ନବଜ୍ୟୋତି କପ୍ ଉଦ୍‌ଘାଟିତ ହୋଇଯାଇଛି। ସାପଘରା ସରପଞ୍ଚ କୈଳାସ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରମେଶ ମିଶ୍ର, ଦିଲୀପ ନାୟକ, ଜୟକୃଷ୍ଣ ପ୍ରଧାନ, ଅନିରୁଦ୍ଧ ସାହୁ ଯୋଗଦେଇଥିଲେ। ଏଥିରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପୁରୁଣାକୋଟକୁ ହରାଇ ସାପଘରା ବିଜୟୀ ହୋଇଥିବାବେଳେ ୨ୟ ମ୍ୟାଚ୍‌ରେ କମରେଇକୁ ହରାଇ ଜରଡା ବିଜୟୀ ହୋଇଥିଲା। ପ୍ରଶାନ୍ତ ନାୟକ, ଗୋବିନ୍ଦ ନାୟକ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଆଧ୍ୟାତ୍ମିକତାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ




ଅନୁଗୋଳ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୧୫।୧**

ଅନୁଗୋଳ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ବାର୍ଷିକ ସାଧାରଣ ସଭା ଆମ୍ବିଠି ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ବାହିନୀ ଅନୁଗୋଳ ଶାଖାର ପୂର୍ବତନ ସଭାପତି ବାସୁଦେବ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଧ୍ୟାତ୍ମିକତାର ପ୍ରସାର ପ୍ରଚାର, ପାଶ୍ଚାତ୍ୟ ପରମ୍ପରା ଠାରୁ ନିଜକୁ ଦୂରେଇ ରଖି କିଭଳି ଭାରତୀୟ ସନାତନ ସଂସ୍କୃତି ପରମ୍ପରାକୁ ଆପଣେଇବା ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାମୂହିକ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଆଦିତ୍ୟ ବାହିନୀର ଜିଲା ସଭାପତି ଲଳିତ ମୋହନ ଦାଶ, ସମ୍ପାଦକ ମାନସ ମିଶ୍ର, କ୍ଷେତ୍ରୀୟ ସମ୍ପାଦକ ବିଜୟ ତ୍ରିପାଠୀ, ମଧ୍ୟାଞ୍ଚଳ ସମ୍ପର୍କ ସଚିବ ସୌରୀ ରଞ୍ଜନ ପଣ୍ଡାଙ୍କ ସମେତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଶରୀର ପାଇଁ ଖେଳକୁଦ ଆବଶ୍ୟକ

**ତାଳଚେର, ୧୫।୧ (ନି.ପ୍ର.)**

ଶିକ୍ଷାବିକାଶ ସମିତି ଓଡ଼ିଶା ମଧ୍ୟସମ୍ଭାଗର ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଉଳବେଡା କୋଲିୟରୀ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖେଳାଳି ପ୍ରକାଶ କୁମାର ଗଡ଼ନାୟକ ଯୋଗଦେଇ ଶରୀର ପାଇଁ ଖେଳକୁଦର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପର୍ବତାରୋହୀ ଓ ଜାତୀୟସ୍ତରର ଖେଳାଳି ସୁଶ୍ରୀ ବିଭାରାଣୀ ପାତ୍ର, ମୁଖ୍ୟବକ୍ତା ଭାବେ ମଧ୍ୟ ସମ୍ଭାଗ ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ସଭାପତି ହେମନ୍ତ କୁମାର ଶତପଥୀ ମଞ୍ଚାସୀନ ଥିଲେ। ମଧୁସୂଦନ ବାରିକ ସଂଯୋଜନା କରିଥିବାବେଳେ ଶାରୀରିକ ସଂଯୋଜକ ବଳରାମ ସାହୁ, ଅଶ୍ୱିନୀ କୁମାର ନାୟକ, ବିରଞ୍ଚି ନାରାୟଣ ମହାପାତ୍ର, ଢେଙ୍କାନାଳ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଆତ୍ମନିର୍ଭର ହେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୫।୧**

ଢେଙ୍କାନାଳ କଲେଜ ବୈଷୟିକ ବିଭାଗ ପକ୍ଷରୁ 'ଡିଜିଟାଲ ମାର୍କେଟିଂ ଇନ୍ ଫ୍ଲାଟ୍ ୱାର୍ଲ୍ଡ ଆନ୍ ଏଥିକାଲ ୱେ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ରଞ୍ଜିତ କୁମାର ପ୍ରଧାନ ସଭାପତିତ୍ୱ କରି ବ୍ୟବସାୟଭିତ୍ତିକ ଜ୍ଞାନ ଆହରଣ କରି ଆତ୍ମନିର୍ଭରଶୀଳ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ସଂଯୋଜକ ଡ. ଅନିରୁଦ୍ଧ ଖିଲାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରାଇଥିଲେ। ପରାମର୍ଶଦାତା ଡ. ପ୍ରଶାନ୍ତ କୁମାର ଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୈତିକତା ଉପରେ ଆଲୋକପାତ କରିଥିଲେ। ଏଡୁରେକା ଲର୍ଣ୍ଣିଂ ସେଣ୍ଟରର ମୁଖ୍ୟ ଆଶିଷ କୁମାର ଦେଓ, ସୁବ୍ରତ ଦାଶ ଡିଜିଟାଲ ମାର୍କେଟିଂରେ ମେଶିନ ଲର୍ଣ୍ଣିଂର ଉପଯୋଗିତା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ଦାଶ, ଅଧ୍ୟାପିକା ମାନସୀ ରଥ, ରୋଜାଲିନ ବେହେରା, ଇନ୍ଦିରା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦଙ୍କ ସମେତ କମ୍ପ୍ୟୁଟର ବିଭାଗ, ଏମ୍‌ବିଏ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଅତିଥିମାନେ।

# ସେବା ମନୋବୃତ୍ତି ରଖିଲେ ସଫଳତା ମିଳେ



**ଢେଙ୍କାନାଳ ଅଫିସ, ୧୫।୧**

ଢେଙ୍କାନାଳ ସଦର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ କଣ୍ଟେଇକୋଳିଆସ୍ଥିତ ଗୋଶାଳା ପରିସରରେ ରବିବାର ସୁରଭି ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଧା ଗୋବିନ୍ଦଜୀଉ ଗୋଶାଳା ସମିତି ସଭାପତି ତଥା ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଗୁଣଧର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ୧୬୦ ଗୋରୁଙ୍କୁ ନେଇ ଗୋଶାଳା ଆରମ୍ଭ ହୋଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ କରାଗଲେ ଏହା ପରିବର୍ଦ୍ଧିତ ହୋଇପାରିବ। ସେବା ମନୋବୃତ୍ତି ରଖିଲେ ସବୁ କ୍ଷେତ୍ରରେ ସଫଳତା ମିଳିପାରିବ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଅନ୍ନଦା ଶଙ୍କର ପତି, ରାଜକିଶୋର ଦାସ, ସୁବାସ ଚନ୍ଦ୍ର ଶତପଥୀ, ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ାଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇ ଗୋସେବା ପରିକଳ୍ପନାକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ନିର୍ମିତ ନୂତନ ନନ୍ଦିନୀ କକ୍ଷ ଗୋଶାଳାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଭାତ ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଛେଣ୍ଡିପଦା,୧୫।୧ (ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଯୁକ୍ତ ୨ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଜଗବନ୍ଧୁ ସାହୁ ପ୍ରଥମେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ବାଳକୃଷ୍ଣ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଲିଙ୍ଗରାଜ ପ୍ରଧାନ, ମୁଖ୍ୟବକ୍ତା ଭାବେ କଲେଜ ଅଧକ୍ଷ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା କଲେଜର ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମଞ୍ଚ ଦୁଲୁକାଇଲେ ଶିଶୁ ପ୍ରତିଭା

## ଦୁଦୁରୁକୋଟ ପ୍ରକଳ୍ପ ସ୍କୁଲର ବାର୍ଷିକୋତ୍ସବ

**ସାତମାଇଲ, ୧୫।୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଦୁଦୁରୁକୋଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିରଞ୍ଚିନାରାୟଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମନୋଜ ବେହେରା, ମୁଖ୍ୟବକ୍ତା ଏବିଇଓ ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ଏବିଇଓ ସଞ୍ଜୟ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପଟ୍ଟନାୟକ, କୃଷ୍ଣଚନ୍ଦ୍ରପୁର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦ୍ୱିବେଦୀ, ଦୁଦୁରୁକୋଟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ପ୍ରତିଭାମାନେ ନୃତ୍ୟଗୀତରେ ମଞ୍ଚ ଦୁଲୁକାଇଥିଲେ। ବ୍ରହ୍ମାନନ୍ଦ ସେଠୀ, ଝରଣା ଗଡ଼ନାୟକ, ସୁକାନ୍ତି ସାହୁ, ନିରୁପମା ମହାପାତ୍ର, ମାନସୀ ଦାସ, ରମେଶ ଚନ୍ଦ୍ର ବେହେରା, ମଳୟ କୁମାର ପ୍ରଧାନ, ଦେବଯାନୀ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।



# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

**ଅନୁଗୋଳ ଅଫିସ, ୧୫।୧**

ଅନୁଗୋଳ ଜିଲା ବଁଅରପାଳ ଥାନା ଅଞ୍ଚଳରେ ଡକାୟତି ଯୋଜନାକୁ ପଣ୍ଡ କରିଛି ପୋଲିସ। ଜାତୀୟ ରାଜପଥ ନଂ. ୧୪୯ ନିକଟରେ ଥିବା ଗୋତମରା ପେଟ୍ରୋଲ ପମ୍ପ ପଛରେ ବସି ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଛି। ରାଜା ନାମକ ଜଣେ ଅଭିଯୁକ୍ତ ଖସି ଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିହାର ରାଜ୍ୟର କୁନାଲ ଓରଫ ଶିବୁସିଂହ(୧୯) ଓ ସତିଶ୍ ଓରଫ ସୌରଭ ସିଂହ(୨୨)। ଅନ୍ୟ ୨ ଜଣ ହେଲେ ତାଳଚେର ଟାଇଁପାଳ ଗ୍ରାମର ରିଜୁ ଓରଫ ରିତେଶ ବେହେରା(୨୭), ବଣ୍ଟି ଓରଫ ହିମାଂଶୁ ବେହେରା(୨୪) ବୋଲି ଥାନା ଅଧିକାରୀ ନରେଶ ବେହେରା ସୂଚନା ଦେଇଛନ୍ତି। ଏ ନେଇ ଥାନରେ ନଂ. ୨୧/୨୩ରେ ମାମଲା ରୁଜୁକରାଯାଇ ଗିରଫ ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ଏକ ମୋଟର ସାଇକେଲ (ନଂ. ଓଡି୧୯ ସି-୮୬୦୯), ଠେଙ୍ଗା ଓ କଟୁରି ଜବତ କରାଯାଇଛି। ପୋଲିସ କହିଛି, ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ଜାତୀୟ ରାଜପଥରେ ଡକାୟତି କରିବାକୁ କେତେଜଣ ଯୁବକ ଯୋଜନା କରୁଥିବା ଖବର ମିଳିଥିଲା। ଘଟଣାସ୍ଥଳରେ ଚଢ଼ାଉ କରିବା ସମୟରେ ୫ରୁ ୬ ଜଣ ଯୁବକ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଉକ୍ତ ଗ୍ୟାଙ୍ଗକୁ କାବୁ କରାଯିବାକୁ ଉଦ୍ୟମ କରାଯାଇଥିଲା। ତେବେ ୪ ଜଣଙ୍କୁ କାବୁ କରାଯାଇଥିବାବେଳେ ସନ୍ତପଡ଼ା ଅଞ୍ଚଳର ରାଜା ଏକ କଳା ରଙ୍ଗର ପଲସର ନେଇ ଚମ୍ପଟ ମାରିଥିଲେ। ପଚରା ଉଚରା ସମୟରେ ସେମାନେ ଜାତୀୟ ରାଜପଥ ୧୪୯ରେ ଯାଉଥିବା ଟ୍ରକରୁ ଡକାୟତି କରିବାକୁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Chheligada Head Works Division
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

1st corrigendum to e-procurement Notice
No. SE-CHWD-05/2022-23.

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

## ସଂକ୍ଷେପରେ

### ବ୍ଲାକମେଲିଂ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୫।୧: ଅନୁଗୋଳ ଜିଲା ନାଲ୍କୋ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ବଲାସିଂହା ଅଞ୍ଚଳର ସିଦ୍ଧାର୍ଥ ସାହୁ(୨୩)ଙ୍କୁ ଗିରଫ କରିଛି। ପୋଲିସ କହିଛି, ୨୦୨୨ ଡିସେମ୍ବର ୧୫ରେ ଏକ ଅଜଣା ନମ୍ବରରୁ ସମ୍ପୃକ୍ତା ଯୁବତୀଙ୍କୁ ଫୋନ କଲ୍ ଆସିଥିଲା। ଫୋନ କରିଥିବା ଯୁବକ ଜଣକ ଟଙ୍କା ନ ଦେଲେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ସମ୍ପୃକ୍ତା ଯୁବତୀ ଟଙ୍କା ଦେବାକୁ ରାଜି ହେବା ସହ ଯୁବକଙ୍କ ଦାବି ଅନୁଯାୟୀ ଏକ ସ୍ଥାନରେ ଟଙ୍କା ରଖି ଚାଲି ଆସିଥିଲେ। ଏହାପରେ ଯୁବତୀଙ୍କ ମାମୁ ଓ ତାଙ୍କ ବନ୍ଧୁ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ଯୁବତୀଙ୍କ ମାମୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୬/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା ବେଳେ ଶନିବାର ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ


କୋଇଲା ଖଣି ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାୟକଙ୍କ ସହ ଅନ୍ୟମାନେ।

### ପ୍ରକଳ୍ପ ପରିସରରେ ପ୍ରତିବାଦ ସଭା

କଣିହାଁ, ୧୫।୧ (ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏମ୍‌ସିଏଲ୍ କୋଇଲା ଖଣିର ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ରବିବାର ଖଣି କ୍ଷତିଗ୍ରସ୍ତମାନେ ବିଭିନ୍ନ ଦାବି ନେଇ ପ୍ରତିବାଦ ସଭା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି ଓ କ୍ଷତିଗ୍ରସ୍ତମାନେ ଯୋଗଦାନ କରିଥିଲେ। ବାରମ୍ବାର ଦାବି ଆପତ୍ତି ସତ୍ତ୍ୱେ ଖଣି କର୍ତ୍ତୃପକ୍ଷ ଓ ଉଚ୍ଚ ପଦାଧିକାରୀ ଜମିହରା କ୍ଷତିଗ୍ରସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାରେ ଅବହେଳା କରୁଛନ୍ତି। ଅନେକ ସମୟରେ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ବଡ଼ ଆନ୍ଦୋଳନ କରାଯିବ ବୋଲି ସଭାରେ ଚେତାବନୀ ଦିଆଯାଇଥିଲା। ଏ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିବା କ୍ଷତିଗ୍ରସ୍ତଙ୍କ ପକ୍ଷରୁ ସୂଚନା ମିଳିଛି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଶିମିଳିପାଳ ପଞ୍ଚାୟତ ଜୟପଙ୍ଗା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଗୋପୀନାଥ ବେହେରା (୭୨)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ଗୋପୀନାଥ ଘରଠାରୁ ଅଳ୍ପ ଦୂରରେ ଥିବା ପୋଖରୀକୁ ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ତାଙ୍କ ଗୋଡ ଖସି ଯିବାରୁ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ନିକଟରେ କାଠ କାଟୁଥିବା କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି ପରିବାର ସହାୟତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଠାରୁ ଖବରପାଇ ବାଗଡିଆ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ନଂ. ୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ପୂଜାରେ ୧୦ ହଜାର ଶ୍ରଦ୍ଧାଳୁ

ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମ ଶିମିଳିସାହିର ପଥରନାଳ ଠାରେ ଥିବା ଗିରି ଗୋବର୍ଦ୍ଧନ ଓ ମା' ବନବାସିନୀଙ୍କ ପୀଠରେ ଶନିବାର ମକର ସଂକ୍ରାନ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି। ଦେହୁରୀସାହି ଓ କୋଶଳା ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ପୂଜା ଦେଖିବାକୁ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦେହୁରୀସାହି ଯାତ୍ରା କମିଟି ସଭାପତି ଦଣ୍ଡଧର ଦେହୁରୀ ଓ ସମ୍ପାଦକ ସପ୍ନେଶ୍ୱର ଗଡ଼ନାୟକଙ୍କ ନେତୃତ୍ୱରେ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। କୋଶଳାର ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ପ୍ରଦୀପ ଦେହୁରୀ, ଅନନ୍ତ ଦେହୁରୀ ଓ ମହରଗା ଦେହୁରୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଯାତ୍ରାରେ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ଖୋଲା ଯାଇଥିଲା। ନୃସିଂହ ଗଡନାୟକ, ବିରଞ୍ଚି ବେହେରା, ଧ୍ରୁବଚରଣ ଦେହୁରୀ, ରାଜକିଶୋର ଦେହୁରୀଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।


ମକର ମେଳାରେ ଶ୍ରଦ୍ଧାଳୁଙ୍କ ସମାଗମ।

# ଶିବ ମନ୍ଦିରର ରତ୍ନମୁଦ ଉତ୍ସବ


କପିଳେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

ବଇଣ୍ଡା, ୧୫।୧ (ଡି.ଏନ.ଏ.)

କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତ ରାଜନପାଳ ଗ୍ରାମରେ ନିର୍ମାଣ ହେଉଥିବା ବାବା କପିଳେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ରୀତିନୀତି ଅନୁସାରେ ରତ୍ନମୁଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂଜକ ପବିତ୍ର ନନ୍ଦ, ଶଶାଙ୍କ ପଣ୍ଡା, ବିଶ୍ୱନାଥ ଖମାରି, ପ୍ରମୋଦ ଖମାରି, ଶେଷଦେବ ଖମାରି ପୂଜା କରିଥିବା ବେଳେ ହୋମଯଜ୍ଞରେ ଗ୍ରାମର କାଳନ୍ଦୀ ଚରଣ ପ୍ରଧାନ, ନିରଞ୍ଜନ ବେହେରା, ପ୍ରଫୁଲ୍ଲ ପ୍ରଧାନ, ମନୋଜ ପ୍ରଧାନ କର୍ତ୍ତା ଭାବରେ ବସିଥିଲେ। ଏଥିରେ ୨୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ୩ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ

ବଇଣ୍ଡା,୧୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସଙ୍କୁଳ ପ୍ରମୁଖ ସଚିଦାନନ୍ଦ ସାହୁ, ଅନ୍ୟତମ ଅତିଥି ବିଦ୍ୟାଳୟ ସଭାପତି ନରେନ୍ଦ୍ର ବେହେରା, ରୁପେଶ ପ୍ରଧାନ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ବୁଲୁ ପ୍ରସାଦ ସାହୁ ଖେଳ ପରିଚାଳନା କରିଥିଲେ। ସେହିପରି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ୯୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଶରତ ଚନ୍ଦ୍ର ସାହୁ, ମାନସ ସାହୁ, ବସନ୍ତ ଗଡନାୟକ, ରଜନୀକାନ୍ତ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସଡ଼କ ସୁରକ୍ଷା ଉପରେ ସଚେତନତା

ବଇଣ୍ଡା,୧୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଫୁଲାମ୍ବା ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଶୁକ୍ରବାର ସଡ଼କ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ, ଅନ୍ୟତମ ଅତିଥି ଭାବେ ଘାସିରାମ ସେଠୀ, ପ୍ରଦୀପ ମାଝି, ସୁବଳ ଭୂତିଆ, ନିହାର ରଞ୍ଜନ ଦେଓ, ସତ୍ୟଜିତ ସାହୁ, ଅଞ୍ଜନା ସାହୁ ଯୋଗଦେଇ କିଭଳି ଗାଡ଼ି ଚଳାଇବେ ସେ ସମ୍ପର୍କରେ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରିଥିଲେ। ରାସ୍ତାରେ ବିଭିନ୍ନ ଗାଡିକୁ ଅଟକାଇ ପ୍ଲାକାର୍ଡ ଦେଇ ସେମାନେ ସଚେତନ କରାଇଥିଲେ।



ସଚେତନତା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ରମାନେ।

# ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଛେଣ୍ଡିପଦା,୧୫।୧(ସ.ପ୍ର.)

ଛେଣ୍ଡିପଦା ବ୍ଲକ କଙ୍କରାଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରୀୟା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରତାପ କୁମାର ସାହୁ, ବିଦ୍ୟାଳୟ ପ୍ରତିଷ୍ଠାତା ତୀର୍ଥବାସୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ଓ ସରପଞ୍ଚ ପ୍ରତାପ କୁମାର ସାହୁ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ଶରତ ଚନ୍ଦ୍ର ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ଘୋଷଣା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କଟକକୁ ହରାଇ ଅନୁଗୋଳ ଟିମ୍ ଚାମ୍ପିୟନ


ଚାମ୍ପିୟନ ହୋଇଥିବା ଅନୁଗୋଳ ଏସିସି ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

କଣିହାଁ,୧୫।୧(ଡି.ଏନ.ଏ.)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ତେଲସିଂହା ଗ୍ରାମ ଖେଳ ପଡିଆ ଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅନୁଗୋଳ ଏସିସି ଓ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଏନ୍‌ଟିପିସି ପ୍ରକଳ୍ପ ମାନବସମ୍ବଳ ବିଭାଗ ଏଜିଏମ୍ ପ୍ରେମ କୁମାର ଚାନ୍ଦ ପାଣ୍ଡେ, ବିଭାଗୀୟ ଅଧିକାରୀ ଜିତେନ୍ଦ୍ର କୁମାର ପ୍ରମୁଖଙ୍କ ସହିତ ଜିଲା ପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି, ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା, ଶିକ୍ଷାବିତ୍, ସାମାଜିକକର୍ମୀ ଯୋଗଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୫୦ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୩୫ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଆୟୋଜକ କ୍ଲବ କାର୍ଯ୍ୟକର୍ତ୍ତା ସୁନୀଲ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

ବଇଣ୍ଡା,୧୫।୧(ଡି.ଏନ.ଏ.)

କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଭାରତ ସରକାରଙ୍କ ତରଫରୁ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଦ୍ୱାରା ଶୁକ୍ରବାର କିଶୋରନଗର ବ୍ଲକ ନାକିଚି ହାଇସ୍କୁଲ ନିକଟରେ ଏକ ସାଂସ୍କୃତିକ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମନୋଜ କୁମାର ବାଘ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାଗୀରଥି ପ୍ରଧାନ, ଶରତ ଚନ୍ଦ୍ର ସେଠୀ, କ୍ରିଷ୍ଣା ନାୟକ ଯୋଗଦେଇ ଓଡ଼ିଶାର ସମସ୍ତ କଳା ସଂସ୍କୃତି, ପରମ୍ପରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ନୃତ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଭୁଞ୍ଜଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ନାକିଚି ହାଇସ୍କୁଲ ନିକଟରେ ସାଂସ୍କୃତିକ ଦିବସ ପାଳନ କରାଯାଉଛି।

# କୁଣ୍ଡେଶ୍ୱର ଫୁଟ୍‌ବଲ କପ୍ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୧୫।୧

ଅନୁଗୋଳ ଉପକଣ୍ଠ ପାନ୍ଥବେରେଣି ସ୍ଥିତ ଅରୁଣୋଦୟ କ୍ଲବ ପକ୍ଷରୁ ଆୟୋଜିତ ୯ମ ଅଲ୍ ଓଡ଼ିଶା କୁଣ୍ଡେଶ୍ୱର ଫୁଟବଲ କପ୍ ୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ୟୁନାଇଟେଡ୍ କ୍ଲବ ବରଗଡ ଓ ଝାଡେଶ୍ୱର କ୍ଲବ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଝାରସୁଗୁଡ଼ାକୁ ହରାଇ ବରଗଡ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ ଆଦର୍ଶ ଗ୍ରୁପ୍ ଚେୟାରମ୍ୟାନ ମହେଶ ଚନ୍ଦ୍ର ଧଳ, ବରୁଣ ସର, ସୁବ୍ରତ ଆଚାର୍ଯ୍ୟ, ବିରଞ୍ଚି ନାରାୟଣ ସାହୁ, ଧରଣୀଧର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଅରୁଣୋଦୟ କ୍ଲବ ସଭାପତି ସମୀର ବେହେରା, ସମ୍ପାଦକ ବୈଷ୍ଣବ ଚରଣ ଦାସ, ଆତ୍ମୀୟ ଦାସ, ବିଭୂତି ଭୂଷଣ ତ୍ରିପାଠୀ, ଗିରିଧାରୀ ଦାସ, ରାଜା ଦାସ, ପିନୁ ଦାସ, ଲିଟୁ ଦାସ, ରାଜୁ ପୁହାଣ, ପାପୁନୁ ବେହେରା, ପିଣ୍ଟୁ ଦାସ, ରାମ ମହାଳିକ, ଗାଙ୍ଗୁଲି ମହାଳିକ, ଛିନ୍ଟୁ ଦାସ, ପଦ୍ମ ଚରଣ ଦାସ, ପିଲୁ ତ୍ରିପାଠୀ, ଦୁଷ୍ମନ୍ତ ବେହେରା, ସିଲୁ ତ୍ରିପାଠୀ, ମୁନା ଦାସ, ମଣ୍ଟୁ ଦାସ, ଜଗନ୍ନାଥ ଦାସ, ବଂଶୀ ଦାସ, ଗଣେଶ୍ୱର ଦାସ, ଶିବାଜୀ ଦାସଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ରେଳ ଧାରଣାରୁ ମୃତଦେହ ଜବତ

ବଇଣ୍ଡା, ୧୫।୧ (ଡି.ଏନ.ଏ.)

ତାଳଚେର - ସମ୍ବଲପୁର ରେଳପଥର ହଣ୍ଡପା ଥାନା କଣ୍ଡାଳ ନିକଟ ଲେଭଲ୍‌କ୍ରସିଂ ଠାରୁ ରବିବାର ଅପରାହ୍ନରେ ହଣ୍ଡପା ଥାନା ଉରୁକୁଳା ଗ୍ରାମର ଚିଣ୍ଟୁ ସାହୁଙ୍କ ମୃତଦେହ ବଇଣ୍ଡା ରେଳ ଫାଣ୍ଡି ପୋଲିସ ଜବତ କରିଛି। ଚିଣ୍ଟୁ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଲୱେ ପୋଲିସ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ପୋଲିସ କହିଛି, ଚିଣ୍ଟୁ ନାକିଚି ଅଞ୍ଚଳରୁ ଘରକୁ ଯାଉଥିବା ବେଳେ କୌଣସି କାରଣରୁ ରେଳ ଲାଇନରେ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

# ସଚେତନତା ଭିତ୍ତିକ ପରାମର୍ଶ


କୋଶଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବରେ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ଦିଲୀପରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ପଣ୍ଡିତ ମହେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ସରପଞ୍ଚ ଉଦିତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଶିକ୍ଷା ସଚେତନତା ଭିତ୍ତିକ ପରାମର୍ଶ ଦେଇଥିଲେ। ପ୍ରଧାନ ଗୁରୁଜୀ ବିଦ୍ୟାଧର ଶତପଥୀ ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ଶାରଦା ପ୍ରସାଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ଉପସଭାପତି ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଦେବରାଜ ସାହୁ, ଯୁଗ୍ମ ସମ୍ପାଦକ ଶୁଭ୍ରାଂଶୁ ଶେଖର ମହାପାତ୍ର, ସଭ୍ୟା ଲିପିକା ସାହୁ ଓ ବିକାଶିନୀ ନାଏକ, ଗୁରୁଜୀ ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

